# DAV PUBLIC SCHOOLS, ODISHA ZONE
# PERIODIC TEST-II, 2023-24

- Please check that this question paper contains 3 printed pages.
- Check that this question paper contains 6 questions.
- Write down the Serial Number of the question in the left side of the margin before attempting it.

## CLASS – VI
## SUBJECT: LOWER ODIA

**Time: 1.30 Hours** **Maximum Marks: 40+4**

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଭୁଲ ଭାବରେ ଲେଖ ।
- ଏହି ପ୍ରଶ୍ନ ପତ୍ରରେ (କ, ଖ, ଗ, ଘ) ଭଳି ୪ଟି ବିଭାଗରେ ୦୬ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- 'କ' ବିଭାଗ : ପଠନ - ୦୫ ଅଙ୍କ
- 'ଖ' ବିଭାଗ : ଲିଖନ - ୦୫ ଅଙ୍କ
- 'ଗ' ବିଭାଗ : ବ୍ୟାକରଣ - ୧୪ ଅଙ୍କ
- 'ଘ' ବିଭାଗ : ସାହିତ୍ୟ - ୧୬ ଅଙ୍କ

### 'କ' ବିଭାଗ (ପଠନ) (5)

1. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (5×1=5)

ଦିନେ ସ୍ୱାମୀ ବିବେକାନନ୍ଦ ଶିଷ୍ୟମାନଙ୍କ ସହିତ ଭ୍ରମଣରେ ବାହାରିଲେ । ବାଟରେ ଦେଖିଲେ ଗୋଟିଏ ମନ୍ଦିରର ନିର୍ମାଣ କାମ ଚାଲିଛି । ଜଣେ କାରିଗରକୁ ପାଖକୁ ଡାକି ପଚାରିଲେ, ଭାଇ! ଏଠାରେ ତୁମେ କ'ଣ କରୁଛ ? କାରିଗର ଜଣକ କହିଲା, ସ୍ୱାମୀଜୀ! ଦିନଯାକ ଖଟୁଛୁ । ଅବଶ୍ୟ ଟଙ୍କା ମିଳୁଛି, ହେଲେ ପରିଶ୍ରମ ତୁଳନାରେ କିଛି ନୁହେଁ । ସ୍ୱାମୀଜୀ ତାଙ୍କୁ ସାନ୍ତ୍ୱନା ଦେଇ ଚାଲିଗଲେ । ବାଟରେ ଆଉ ଜଣେ କାରିଗରକୁ ଦେଖି ପଚାରିଲେ, ଭାଇ! କେତେ ଦିନ ହେଲା ଏଠି କାମ କରୁଛ ? କାରିଗରଟି କହିଲା, ମନ୍ଦିରର କାର୍ଯ୍ୟ ଆରମ୍ଭ ହେବା ଦିନରୁ କାମ କରୁଛି । ଖଟି ଖାଇବା ତ ଆମ ଭାଗ୍ୟରେ ଅଛି । ସ୍ୱାମୀଜୀ ତାକୁ କିଛି ପରାମର୍ଶ ଦେଇ ଚାଲିଗଲେ । ବାଟରେ ଆଉ ଜଣେ କାରିଗରକୁ ଦେଖି ପଚାରିଲେ, ଶ୍ରମିକ ଭାଇ! ଏ କାମ ତୁମକୁ କେମିତି ଲାଗୁଛି ? କାରିଗରଟି କହିଲା, ପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଲାଗିଥିବାରୁ ମୁଁ ବହୁତ ଖୁସି । ଯାହା ଟଙ୍କା ମିଳୁଛି ସେଥିରେ ମଧ୍ୟ ମୁଁ ସନ୍ତୁଷ୍ଟ । ସ୍ୱାମୀଜୀ ତାକୁ ଧନ୍ୟବାଦ ଦେଇ ଚାଲିଗଲେ । ସ୍ୱାମୀଜୀ ଫେରିବା ବାଟରେ ଶିଷ୍ୟମାନଙ୍କୁ କହିଲେ, ଶୁଣିଲ ତ, ତିନିଜଣ କାରିଗରଙ୍କ ମତ ଭିନ୍ନଭିନ୍ନ । ପ୍ରଥମ ଶ୍ରମିକ ପେଟ ପାଇଁ ଖଟୁଛି । ଦ୍ୱିତୀୟ କାରିଗର ନିଜ ଭାଗ୍ୟକୁ ଆଦରି ଖଟୁଛି । କିନ୍ତୁ ତୃତୀୟ କାରିଗର ସମର୍ପଣଭାବ ନେଇ କାମ କରୁଥିବାରୁ ନିଜ ଜୀବନରେ ସନ୍ତୁଷ୍ଟ ।

ପ୍ରଶ୍ନାବଳୀ-

(କ) ସ୍ୱାମୀଜୀ ପ୍ରଥମ କାରିଗରକୁ ପାଖକୁ ଡାକି କ'ଣ ପଚାରିଲେ ?

(ଖ) ସ୍ୱାମୀଜୀଙ୍କ ନାମ କ'ଣ ଥିଲା ?

(ଗ) କିଏ ନିଜ ଭାଗ୍ୟକୁ ଆଦରି ଖଟୁଥିଲା ?

(ଘ) ତୃତୀୟ କାରିଗର ଜଣକ କାହିଁକି ବହୁତ ଖୁସି ଥିଲେ ?

(ଙ)'ଖଟି ଖାଇବା ତ ଆମ ଭାଗ୍ୟରେ ଅଛି' ବୋଲି କିଏ କାହାକୁ କହିଥିଲା ?

## 'ଖ' ବିଭାଗ (ଲିଖନ) (5)

2. ପରିଷ୍କାର ପୋଷାକ ପିନ୍ଧି ବିଦ୍ୟାଳୟକୁ ଯିବା ନିମନ୍ତେ ସାନ ଭଉଣୀ ନିକଟକୁ ପତ୍ର ଲେଖ । (1×5=5)

## 'ଗ' ବିଭାଗ (ବ୍ୟାକରଣ) (14)

3. (କ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ । (3×1=3)

(i) ଡାଏରୀ (ii) ବାହାନା (iii) ବାଲୁତ

(ଖ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ । (3×1=3)

(i) ଉପକାର (ii) ଭଲ (iii) ପରିଷ୍କାର

(ଗ) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (3×1=3)

(i) କରମ (ii) ବରତିବ (iii) ଜନମ

(ଘ) ଶୂନ୍ୟସ୍ଥାନ ପୂରଣ କର । (3×1=3)

(i) ଆମ ରାଜ୍ୟର _________ ରେ ଗୋଟିଏ ସଂଗ୍ରହାଳୟ ଅଛି ।

(ii) ଚନ୍ଦନ _________ ଶ୍ରେଣୀରେ ପଢ଼େ ।

(iii) ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ _________ ନାହିଁ ।

(ଙ) 'ଧୁଡୁଧୁଡୁ' ଭଳି ଆଉ ଦୁଇଟି ଯୋଡ଼ାଶବ୍ଦ ଲେଖ । (2×1=2)

## 'ଘ' ବିଭାଗ (ସାହିତ୍ୟ) (16)

4. (କ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (3×2=6)

(i) ତନ୍ମୟ ବ୍ୟସ୍ତ ହୋଇ କ'ଣ ଖୋଜୁଥିଲା ?

(ii) କେଉଁ କାରଣରୁ ଭଦ୍ରଲୋକ ଜୋରିମାନା ଦେଲେ ?

(iii) କୌଣସି ଜିନିଷକୁ ସାଇତି ରଖିଲେ ଆମର କି ଉପକାର ହୁଏ ?

(ଖ) ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (3×2=6)

(i) ପିଲାଟି କାହା ଡାକରେ ସକାଳୁ ଉଠିପଡ଼ିଲା ?

(ii) ନିଜର ଲାଲ ଶାଲକୁ ନେଇ ପିଲାଟି କ'ଣ କଲା ?

(iii) ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି ?

5. ଠିକ ଉତ୍ତରଟିକୁ ବାଛି ଲେଖ । (4×1=4)

(କ) କେଉଁମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି ?

(i) ଯେଉଁମାନେ ସବୁବେଳେ ଭୁଲ କରନ୍ତି

(ii) ଯେଉଁମାନେ ଅନ୍ୟର ଦୋଷକୁ ଖୋଜି ବୁଲନ୍ତି

(iii) ଯେଉଁମାନେ ନିଜ କାମ ନିଜେ କରନ୍ତି ନାହିଁ

(iv) ଯେଉଁମାନେ ନିଜ କାମ ନିଜେ କରନ୍ତି

(ଖ) ଦୁର୍ଲଭ ପଦାର୍ଥ ଆମେ କାହିଁକି ସଂଗ୍ରହ କରିବା ?

(i) ଭବିଷ୍ୟତରେ ତାହା ମୂଲ୍ୟବାନ୍ ପଦାର୍ଥ ରୂପେ ବିବେଚିତ ହେବ

(ii) ଘର ସୁନ୍ଦର ଦେଖାଯିବ

(iii) ଲୋକମାନେ ପ୍ରଶଂସା କରିବେ

(iv) ଭବିଷ୍ୟତରେ ତାହାକୁ ବିକ୍ରି କରାଯାଇପାରିବ

(ଗ) ଶାଲଟି ପାଇବା ଦ୍ୱାରା ବୁଢ଼ାଟିର କି ଲାଭ ହୋଇଥିବ ?

(i) ଅଧିକ ଶୀତ ହୋଇଥିବ

(ii) ଶାଲକୁ ବିକି ପଇସା ପାଇଥିବ

(iii) ଭିକ ମାଗିବାରେ ସୁବିଧା ହୋଇଥିବ

(iv) ମାଘ ମାସର ଶୀତରୁ ରକ୍ଷା ପାଇଥିବ

(ଘ) 'ଭଲ କି କରିନି ମୁହିଁ' କବିତାର କବି କିଏ ?

(i) ବଟକୃଷ୍ଣ ସ୍ୱାଇଁ

(ii) କୃଷ୍ଣଚନ୍ଦ୍ର କର

(iii) ପଦ୍ମଲୋଚନ ପାଲ୍‌ଟାସିଂହ

(iv) ନନ୍ଦକିଶୋର ସାମଲ

## ଉତ୍ତମ ପାଠକ ବୋନସ୍ (4)

6. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (4×1=4)

(କ) ଧନୀ ବ୍ୟକ୍ତିଙ୍କର କେତେଜଣ ପୁଅ ଥିଲେ ?

(ଖ) ପିଲାମାନେ ପାଠପଢ଼ା ସାରି ଘରକୁ ଆସିବାରୁ ବାପା କାହିଁକି ସେମାନଙ୍କର ପରୀକ୍ଷା ନେଲେ ?

(ଗ) କାହାର ଉତ୍ତରରେ ବାପା ଖୁସିହେଲେ ?

(ଘ) କିଏ ପ୍ରଧାନ ଶିକ୍ଷକଙ୍କୁ ଶ୍ରେଷ୍ଠ ଉପହାର ଦେଇଥିଲା ?

***********